# ଓଡିଶା ସରକାର

## ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

### ନବମ ଏବଂ ଦଶମ ଶ୍ରେଣୀ ପାଇଁ ପ୍ରାକ ମାଟ୍ରିକ ଛାତ୍ରବୃତ୍ତି ଯୋଜନା

ନବମ ଏବଂ ଦଶମ ଶ୍ରେଣୀ ରେ ଅଧ୍ୟୟନରତ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ, ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସରକାରଙ୍କ ସ୍ୱତନ୍ତ୍ର ଛାତ୍ରବୃତ୍ତି ବ୍ୟବସ୍ଥା ରହିଛି ।

**ନବମ ଏବଂ ଦଶମ ଶ୍ରେଣୀ ଛାତ୍ରବୃତ୍ତି ପାଇବା ପାଇଁ ଯୋଗ୍ୟତା:**

(୧) ଆବେଦନକାରୀ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ କିମ୍ବା ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ (ସାଧାରଣ ବର୍ଗ) ରେ ଅନ୍ତର୍ଭୁକ୍ତ ଥିବେ।

(୨) ଆବେଦନକାରୀ ଓଡିଶାର ସ୍ଥାୟୀ ଅଧିବାସୀ ହୋଇଥିବେ ।

(୩) ଆବେଦନକାରୀଙ୍କ ପାରିବାରିକ ବାର୍ଷିକ ଆୟ ସମସ୍ତ ସୂତ୍ରରୁ ଟ ୨,୫୦,୦୦୦ /- ଙ୍କା (ଦୁଇ ଲକ୍ଷ ପଚାଶ ହଜାର) ରୁ ଅଧିକ ହୋଇନଥିବ ।

(୪) ଆବେଦନକାରୀମାନେ ବୈଧ UDISE code ପ୍ରାପ୍ତ ସରକାରୀ କିମ୍ବା ମାନ୍ୟତା ପ୍ରାପ୍ତ ବେସରକାରୀ ବିଦ୍ୟାଳୟରେ ପୂର୍ଣ୍ଣ କାଳୀନ ଭିତ୍ତିରେ ଅଧ୍ୟୟନରତ ଥିବେ।

(୫) ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ ଏବଂ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ (ସାଧାରଣ ବର୍ଗ) ଛାତ୍ରଛାତ୍ରୀମାନେ କେବଳ ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ ହିଁ ଏହି ଛାତ୍ରବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ।

**ବୃତ୍ତିରାଶି ହାର (ଟଙ୍କାରେ):**

| ବର୍ଗ | ଦିବାଧାୟୀ (ବାର୍ଷିକ) | ଅନ୍ତେବାସୀ (ବାର୍ଷିକ) |
|---|---|---|
| ଅନୁସୂଚିତ ଜନଜାତି | ୩୦୦୦ | ୭୨୫୦ |
| ଅନୁସୂଚିତ ଜାତି | ୩୫୦୦ | ୭୦୦୦ |
| ଅନ୍ୟାନ୍ୟ ପଛୁଆ ବର୍ଗ/ ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ | ୪୦୦୦ | ୪୦୦୦ |
| ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ (ସାଧାରଣ ବର୍ଗ) | ୪୦୦୦ | ୪୦୦୦ |

**ଆବେଦନ କିପରି କରିବେ**

ଶିକ୍ଷାବର୍ଷ ୨୦୨୨-୨୩ ପାଇଁ ଆବେଦନ ପ୍ରକ୍ରିୟା ୩ ନଭେମ୍ବର ୨୦୨୨ ରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମାଧ୍ୟମରେ ଆରମ୍ଭ ହେବ। ତେଣୁ ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନେ ନିଜର ଜାତି ଏବଂ ଆୟ

ପ୍ରମାଣ ପତ୍ର, ଆଧାର, ବ୍ୟାଙ୍କ ପାସବୁକର ଅବିକଳ ନକଲ ନିଜ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନିକଟରେ ଯଥା ଶୀଘ୍ର ଦାଖଲ କରନ୍ତୁ ।

**ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ:**

- ଏହି ଛାତ୍ରବୃତ୍ତି ଆବେଦନ ନିମନ୍ତେ ଆବେଦନକାରୀଙ୍କ "ଆଧାର" ନମ୍ବର ପ୍ରଦାନ କରିବା ଅନିବାର୍ଯ୍ୟ ଅଟେ । ତେଣୁ ଯେଉଁ ଛାତ୍ରଛାତ୍ରୀମାନଙ୍କ ଆଧାର ନାହିଁ ସେମାନଙ୍କୁ ଅନୁରୋଧ ଯେ ସେମାନେ ଯଥା ଶୀଘ୍ର ଆଧାର ପଞ୍ଜୀକରଣ କରିବେ।
- ଆଧାରରେ ଥିବା ନିଜର ନାମ (ନାମ ଏବଂ ଉପନାମ ବନାନ), ଲିଙ୍ଗ, ଜନ୍ମ ତାରିଖ (DOB) ସଠିକ୍ ଅଛି କି ନାହିଁ ନିଶ୍ଚିତ କରନ୍ତୁ | ଯଦି ଆଧାରରେ କିଛି ତ୍ରୁଟି ଥାଏ, ତେବେ ଆଧାରରେ ସଂଶୋଧନ କରି ସଂଶୋଧିତ ଆଧାରର ନକଲ ନିଜ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଙ୍କ ନିକଟରେ ଦାଖଲ କରନ୍ତୁ ।
- ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଛାତ୍ରବୃତ୍ତି କେବଳ ଆଧାର-ଲିଙ୍କ ବ୍ୟାଙ୍କ ଆକାଉଣ୍ଟରେ ପ୍ରଦାନ କରାଯିବ। ତେଣୁ ନିଜର ଆଧାର ସହିତ ବ୍ୟାଙ୍କ-ଆକାଉଣ୍ଟକୁ ଲିଙ୍କ୍ କରନ୍ତୁ । ସେଥିପାଇଁ ଆପଣ ମାନେ ନିଜର ବ୍ୟାଙ୍କ ଶାଖା ପରିଦର୍ଶନ କରନ୍ତୁ ଏବଂ DBT ଗ୍ରହଣ କରିବା ପାଇଁ ଏକ ବ୍ୟାଙ୍କ ସମ୍ମତି ଫର୍ମ ଦାଖଲ କରନ୍ତୁ |
- ଯେଉଁ ଛାତ୍ରଛାତ୍ରୀମାନଙ୍କ ପାଖରେ ଜାତି ଏବଂ ଆୟ ପ୍ରମାଣପତ୍ର ନାହିଁ ସେମାନଙ୍କୁ ଅନୁରୋଧ ଯେ ସେମାନେ ଓଡ଼ିଶାର ଇ-ଜିଲ୍ଲା ପୋର୍ଟାଲ (https://edistrict.odisha.gov.in/) ମାଧ୍ୟମରେ ପ୍ରମାଣପତ୍ର ପ୍ରାପ୍ତ କରି ଯଥା ଶୀଘ୍ର ନିଜ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଙ୍କ ନିକଟରେ ଦାଖଲ କରନ୍ତୁ।
- ଯେଉଁ ଛାତ୍ରଛାତ୍ରୀମାନେ ନବମ ଶ୍ରେଣୀ ପାଇଁ ଏହି ଛାତ୍ରବୃତ୍ତି ପାଇଛନ୍ତି ସେମାନଙ୍କୁ ପୁନର୍ବାର ଜାତି କିମ୍ବା ଆୟ ପ୍ରମାଣ ପତ୍ର ଦାଖଲ କରିବା ଆବଶ୍ୟକ ନାହିଁ।
- ଏହି ଛାତ୍ରବୃତ୍ତି ସହିତ ଅନ୍ୟ କୌଣସି ପ୍ରାକ-ମାଟ୍ରିକ ଛାତ୍ରବୃତ୍ତି ପାଇପାରିବେ ନାହିଁ।

ରଞ୍ଜନା ଚୋପ୍ରା

**ସ୍ୱତନ୍ତ୍ର ସଚିବ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ